# କେନ୍ଦୁଝର: କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ: କ୍ଷେତ୍ର ପରିଦର୍ଶନ ସହ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା




କେନ୍ଦୁଝର, ତା ୧୨.୧୦.          ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ଼ଃ ସୌରଭ ଗର୍ଗ ଚଳିତ ଅକ୍ଟୋବର ୧୧ ତାରିଖରେ ଦୁଇଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ ସହ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଅକ୍ଟୋବର ୧୧ ତାରିଖ ଗୁରୁବାର ଦିନ ଭୁବନେଶ୍ୱରରୁ କେନ୍ଦୁଝର ଜିଲ୍ଲା ସଦର ମହକୁମା ଆସିବା ବାଟରେ ବ୍ରାହ୍ମଣୀପାଳ ଡିଜିଟାଲ ଡିସପେନସାରୀ ପରିଦର୍ଶନ କରି ଏହାର ପରିଚାଳନା ଓ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ରୋଗୀମାନେ କିପରି ସ୍ୱାସ୍ଥ୍ୟ ସେବା ପାଉଛନ୍ତି ତାହା ତଦାରଖ କରିଥିଲେ । ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଆର୍ଥିକ ଅନୁଦାନରେ ପରିଚାଳିତ ଏହି ଡିଜିଟାଲ ଡିସପେନସାରୀର କାର୍ଯ୍ୟକାରିତାରେ ସନ୍ତୋଷ ପ୍ରକାଶ କରି ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ ଓ ପ୍ରସାରିତ କରିବାରେ ଜିଲ୍ଲାପାଳଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଏହାପରେ ଟାଙ୍ଗିରିଆପାଳ ପଂଚାୟତର ଗଦୁଆଁଠାରେ ବୁନ୍ଦା ଜଳସେଚନ ଦ୍ୱାରା କରାଯାଉଥିବା ପରିବା ଚାଷ ଦେଖି ଖୁସି ହୋଇଥିଲେ ଓ ଚାଷୀମାନଙ୍କ ସହ ବାର୍ତାଳାପ କରିଥିଲେ । ସେଠାରୁ ଜିଲ୍ଲା ସଦର ମହକୁମାସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଆଉଟଡୋରରେ ରୋଗୀ ଚିକିତ୍ସା ଓ ନିରାମୟ ଯୋଜନାର କାର୍ଯ୍ୟକାରିତା ତଦାରଖ କରିଥିଲେ । ଡାକ୍ତରଖାନା ପରିସର ଓ ବିଭିନ୍ନ ୱାର୍ଡର ପରିଷ୍କାର ପରିଚ୍ଛନ୍ନତା,ବେଡ ବେଡସିଟର ସଫା ସୁତୁରା ରଖି ରୋଗୀମାନଙ୍କୁ ଉତମ ସେବା ଯୋଗାଇ ଦେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ମେଡିକାଲ କର୍ତୃପକ୍ଷଙ୍କୁ ତାଗିଦ କରିଥିଲେ । ଏହାପରେ ଦରବାର ହଲଠାରେ ସରକାରଙ୍କ ଦ୍ୱାରା ପ୍ରବର୍ତିତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ଜିଲ୍ଲାପାଳ ଆଶିଷ ଠାକ୍‌ରେ ପ୍ରାରମ୍ଭରେ ପ୍ରମୁଖ ଶାସନ ସଚିବଙ୍କୁ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଯୋଜନାର ରୂପରେଖ ସଂପର୍କରେ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଥିଲେ । ମମତା ଯୋଜନାର କାର୍ଯ୍ୟକାରିତା ସଂପର୍କରେ ପ୍ରମୁଖ ଶାସନ ସଚିବ ଡ଼ଃ ଗର୍ଗ ସମୀକ୍ଷା କରି ସଠିକ୍ ସମୟରେ ହିତାଧିକାରୀ ଆର୍ଥିକ ସହାୟତା ପାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଯେଉଁ ହିତାଧିକାରୀମାନେ ବିଭିନ୍ନ କିସ୍ତିରେ ସହାୟତା ପାଇନାହାଁନ୍ତି, ବାକିଥିବା କିସ୍ତି ବ୍ୟାଙ୍କ ସହ ଯୋଗାଯୋଗ କରି ତୁରନ୍ତ ପ୍ରଦାନ କରିବା ନିମନ୍ତେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମୀଣ ଆବାସ ଯୋଜନାର ସ୍ଥିତି ସଂପର୍କରେ ସମୀକ୍ଷା କରି ଏ କ୍ଷେତ୍ରରେ ଦେଖାଯାଉଥିବା ସମସ୍ୟା ସଂପର୍କରେ ଅବଗତ ହେବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅସଂପୂର୍ଣ୍ଣ ଘରଗୁଡିକ ସଂପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବିଜୁ କୃଷକ କଲ୍ୟାଣ ଯୋଜନା ଅନ୍ତର୍ଗତ କ୍ଲଷ୍ଟର ବୋରୱେଲ ଓ ସେଚ କାର୍ଯ୍ୟକ୍ରମ ପ୍ରସଙ୍ଗରେ ସମୀକ୍ଷା କରିଥିଲେ ଓ ଅଚଳ ହୋଇ ପଡିଥିବା ବୋରୱେଲଗୁଡିକ ତୁରନ୍ତ ମରାମତି କରି ଚାଷୀଙ୍କୁ ପାଣି ଯୋଗାଇବା ନିମନ୍ତେ ପଦକ୍ଷେପ ନେବାକୁ ସଂପୃକ୍ତ ନିର୍ବାହୀଯନ୍ତ୍ରୀ/ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିରାମୟ ଯୋଜନାରେ ରୋଗୀମାନଙ୍କୁ ମାଗଣାରେ ଔଷଧ ଯୋଗାଇବା କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରି ଅନୁମୋଦିତ ସମସ୍ତ ଔଷଧ ମହଜୁଦ ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଖାଲି ପଡିଥିବା ପାରା ମେଡିକାଲ ଷ୍ଟାଫ୍ ନିଯୁକ୍ତି ଉପରେ ବୈଠକରେ ଆଲୋଚନା ହୋଇଥିଲା । ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଶ୍ରମିକ ପଞ୍ଜିକରଣ,ଶ୍ରମିକମାନଙ୍କୁ ଦିଆଯାଉଥିବା ସହାୟତା,ଉପକରଣ ସହାୟତା,ଗୃହ ନିର୍ମାଣ ସଂପର୍କରେ ପ୍ରମୁଖ ଶାସନ ସଚିବ ସମୀକ୍ଷା କରି ବିଭିନ୍ନ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସହ ଯୋଗାଯୋଗ ରକ୍ଷା କରି ଅଧିକ ନିର୍ମାଣ ଶ୍ରମିକଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଗ୍ରାମାଂଚଳ ଓ ସହରାଂଚଳରେ ପାନୀୟ ଜଳ ଯୋଗାଣ ସଂପର୍କରେ ସମୀକ୍ଷା କରି ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥାକୁ ବ୍ୟାପକ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଓ ବୃହତ ଜଳଯୋଗାଣ ପ୍ରକଳ୍ପ ଓ ଡିଏମ୍‌ଏଫ୍‌ର ଆର୍ଥିକ ସହାୟତାରେ ନିର୍ମାଣ ହେଉଥିବା ଜଳଯୋଗାଣ ପ୍ରକଳ୍ପ ଉପରେ ସମୀକ୍ଷା କରିଥିଲେ । ଖଣି ପ୍ରଭାବିତ ଓ ପାହାଡିଆ ଅଂଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ବିହିତ ପଦକ୍ଷେପ ନେବାକୁ ସଂପୃକ୍ତ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମୀଣ ବିଦ୍ୟୁତକରଣ କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନାରେ ଲୋକଙ୍କୁ ବିଦ୍ୟୁତ ଯୋଗାଣ ସଂପର୍କରେ ସମୀକ୍ଷା କରି ଏହାର ମନ୍ଥରତା ପାଇଁ ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ ଧାର୍ଯ୍ୟଲକ୍ଷ୍ୟକୁ ତୁରନ୍ତ ସଂପୂର୍ଣ୍ଣ କରି ଲୋକଙ୍କୁ ବିଦ୍ୟୁତ ଯୋଗାଣ ନିମନ୍ତେ ସଂପୃକ୍ତ ସଂସ୍ଥାକୁ କଡା ନିର୍ଦ୍ଦେଶ ଦେଇଥିଲେ । ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ,ଜାତୀୟ ଖାଦ୍ୟ ନିରାପତା ଆଇନର କାର୍ଯ୍ୟକାରିତା ତଥା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର କାର୍ଯ୍ୟକାରିତା ଓ ଅଗ୍ରଗତି ସଂପର୍କରେ ସମୀକ୍ଷା କରି ଜନସାଧାରଣଙ୍କୁ କିପରି ସୁରୁଖୁରୁରେ ସେବା ଯୋଗାଇ ଦିଆଯିବ ସେଥିପାଇଁ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ । ଏତଦ୍‌ବ୍ୟତୀତ ଜାତୀୟ ପେନସନ ଯୋଜନା,ମଧୁବାବୁ ପେନସନ ଯୋଜନାର କାର୍ଯ୍ୟକାରିତା,ସର୍ବଶିକ୍ଷା ଅଭିଯାନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ଯଥା:- ବିଦ୍ୟାଳୟମାନଙ୍କରେ ଭିତିଭୂମିର ବିକାଶ,ଗୁଣାତ୍ମକମାନର ଶିକ୍ଷା,ସବୁ ପିଲାଙ୍କୁ ସ୍କୁଲ ପରିସରକୁ ଆଣିବା ସମେତ ଓଡିଶା ଆଦର୍ଶ ବିଦ୍ୟାଳୟର ଭି ିଭୂମିର ବିକାଶ,ଶିକ୍ଷକ/କର୍ମଚାରୀ ନିଯୁକ୍ତି, ହଷ୍ଟେଲ ନିର୍ମାଣ,ଛାତ୍ରବାସ ପରିଚାଳନା,ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପରିଚାଳିତ ବିଦ୍ୟାଳୟ,ହଷ୍ଟେଲ ପରିଚାଳନା,ଅନ୍ୱେଷା କାର୍ଯ୍ୟକ୍ରମ ସଂପର୍କରେ ସମୀକ୍ଷା କରି ବିଭିନ୍ନ କାର୍ଯ୍ୟକ୍ରମର ପରିଚାଳନା ନିମନ୍ତେ ଅଧିକାରୀ,କର୍ମଚାରୀମାନେ ନିଷ୍ଠାବାନ ହେବାକୁ ପରାମର୍ଶ ଦେଇଥିଲେ । ପରେ ପରେ ଡିଏମ୍‌ଏଫ୍ (ଜିଲ୍ଲା ଖଣିଜ ପ୍ରତିଷ୍ଠାନ) କାର୍ଯ୍ୟକ୍ରମ ଓ ଡିଏମ୍‌ଏଫ୍ ଅନୁଦାନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସଂପର୍କରେ ପ୍ରମୁଖ ଶାସନ ସଚିବ ଡ଼ଃ ଗର୍ଗ ସମୀକ୍ଷା କରିଥିଲେ ।

ଅକ୍ଟୋବର ୧୨ ତାରିଖ ସକାଳେ କ୍ଷେତ୍ର ପରିଦର୍ଶନ ଆରମ୍ଭ କରି ପ୍ରମୁଖ ଶାସନ ସଚିବ ଡ଼ଃ ଗର୍ଗ ମେଡିକାଲ କଲେଜ ନିର୍ମାଣ ସ୍ଥାନକୁ ଯାଇ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସଂପର୍କରେ ତଦାରଖ କରିଥିଲେ । ସେଠାରୁ ସଦର ବ୍ଲକ୍ ଅନ୍ତର୍ଗତ ସେଣ୍ଡକାପ ଗ୍ରାମ ଯାଇ ଉଠାଜଳସେଚନ ପ୍ରକଳ୍ପ ଓ ଗଭୀର ବୋରୱେଲର କାର୍ଯ୍ୟକାରିତା, ଝୁମ୍ପୁରା ବ୍ଲକ୍‌ର ଗୁମୁରା ଗ୍ରାମ ପଂଚାୟତ ଅର୍ନ୍ତଗତ ଟୋଲକବାହାଲ ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳିତ ଧାନ କଳର ପରିଚାଳନା, ଯୋଡା ବ୍ଲକ୍ ଅନ୍ତର୍ଗତ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିରାମୟ ଯୋଜନାର କାର୍ଯ୍ୟକାରିତା, ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ କୋଦଗାଡିଆଠାରେ ୧୦୪ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣଧୀନ ବୃହତ ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ । ଚମ୍ପୁଆ ଏନ୍.ଏ.ସି. ଅନ୍ତର୍ଗତ ଧଳାଡିହିଠାରେ ଜ୍ୟୋତିଶକ୍ତି ସ୍ୱୟଂ ସହାୟ ଗୋଷ୍ଠୀ ଦ୍ୱାରା ପରିଚାଳିତ ରିଟେଲ୍ ସେଂଟର କାର୍ଯ୍ୟଧାରା ତଦାରଖ କରିଥିଲେ । ଏହାପରେ ପ୍ରମୁଖ ଶାସନ ସଚିବ ରାମଲାଠାରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପରିଚାଳିତ ଆଶ୍ରମ ସ୍କୁଲର ଛାତ୍ରୀ ନିବାସ ପରିଦର୍ଶନ କରି ଅନ୍ତେବାସୀମାନଙ୍କର ରହିବା, ଖାଇବା, ପରିଷ୍କାର ପରିଚ୍ଛନତା, ସ୍ୱାସ୍ଥ୍ୟ ଅବସ୍ଥା ଓ ସୁବିଧା ଅସୁବିଧା ତଦାରଖ କରିବା ସହିତ ଛାତ୍ରୀମାନଙ୍କ ସହ ବାର୍ତାଳାପ କରିଥିଲେ । ତା'ପରେ ନୂଆଗାଁଠାରେ ଧାଡିରୁଆ ଧାନଚାଷ ପର୍ଯ୍ୟବେକ୍ଷଣ କରିଥିଲେ । ସରେଇ ଗ୍ରାମକୁ ପ୍ରମୁଖ ଶାସନ ସଚିତ ଗସ୍ତ କରି ଚାଷକାର୍ଯ୍ୟ ପାଇଁ ନିର୍ମିତ ହୋଇଥିବା ଚେକ୍ ଡ୍ୟାମ୍‌ମାନ ପରିଦର୍ଶନ କରି ଏହାର କାର୍ଯ୍ୟକାରିତା

ତଦାରଖ କରିଥିଲେ । ପ୍ରମୁଖ ଶାସନ ସଚିବଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ଜିଲ୍ଲାପାଳ ଶ୍ରୀ ଠାକରେ, ପିଡି ଡିଆରଡିଏ ନୃସିଂହଚରଣ ସ୍ୱାଇଁ, ଆଇ.ଏ.ଏସ୍. ପ୍ରୋବେସନର ସୋମେଶ ଉପାଧ୍ୟାୟ, ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ଅରୁଣ କୁମାର ଦାଶ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଦୟାନିଧି ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ସାମିଲ ହୋଇଥିଲେ । ରିପୋର୍ଟ ପ୍ରସ୍ତୁତ ବେଳକୁ କ୍ଷେତ୍ର ପରିଦର୍ଶନ ପରେ ପ୍ରମୁଖ ଶାସନ ସଚିବ ସର୍କିଟ୍ ହାଉସ୍‌ଠାରେ ବିଭିନ୍ନ ବିଭାଗ ଉପରେ ସମୀକ୍ଷା ଜାରି ରଖିଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, କେନ୍ଦୁଝର